# ତପସ୍ୱିନୀ

ଗଙ୍ଗାଧର ମେହେର

## ତୃତୀୟ ସର୍ଗ

ରାଗ - ବଙ୍ଗଳାଶ୍ରୀ

09 August 2009

(Last updated: ୨୪ ଫେବୃୟାରି ୨୦୧୦)

http://www.iopb.res.in/~somen/GMeher

ଭାଗୀରଥୀ କୂଳେ    ଲକ୍ଷ୍ମଣ ଯେ କାଳେ
ବୈଦେହୀ ବିସର୍ଜି ଗଲେ,
ବ୍ୟାପିଥିଲା ଖରା    ସସାଗରା ଧରା
ନିର୍ମଳ ଅମ୍ବର ତଳେ ।
ରାଘବ-ବଧୂର    ନିର୍ଯ୍ୟାତନ ସୁର-
ପୁରକୁ ଦିଶିଲେ ଲଜ୍ଜା,
ହେବ ବୋଲି ଦିବା-    ନାଥଙ୍କ ସେ କିବା
ଶୁଭ୍ର ଯବନିକା-ସଜ୍ଜା !
ଜାଣି ସେ ରହସ୍ୟ    କରିବାକୁ ଦୃଶ୍ୟ
ଭାସ୍କର-ବଂଶର ଦୋଷ,
ଅଚିରେ ଅବନୀ-    ପୃଷ୍ଠୁ ସେ ଯବନୀ
ଉଠାଇଦେଲା ପ୍ରଦୋଷ ।
ବିହଙ୍ଗମଗଣ    ଡାକନ୍ତେ ଗଗନ-
ପ୍ରାଙ୍ଗଣେ ତାରକାକୁଳ,
ଏକ ପଛେ ଏକ    ତା ପଛେ ଅନେକ
ଆସି ହୋଇଗଲେ ଠୁଳ ।
ଦେଖିଲେ ବିଜନେ    ପ୍ରଶସ୍ତ ପ୍ରାଙ୍ଗଣେ
ରାମଚନ୍ଦ୍ର ରବି-ବଂଶୀ,
ବିଷଣ୍ଣ ବଦନେ    ସଜଳ ନୟନେ
ଏକାକୀ ଅଛନ୍ତି ବସି ।
ଭାବୁଥିଲେ ରାଜ-    ଅଧିକାର ବ୍ୟାଜ
ଅଟେ ମହାଦାସତ୍ୱର,
ଏହି ଉଚ୍ଚପଦେ    ପ୍ରକୃତିର ପଦେ
ଖଟିବା ହୁଏ ମାତର ।
ମିଥ୍ୟା କଥା ଯେବେ    ପ୍ରଜାଏ କହିବେ
ମେଳ ହୋଇ ଶତ ଶତ,
ମିଥ୍ୟା ଜାଣି ଜାଣି    ତାଙ୍କୁ ମାନି ମାନି
ବୋଲାଯାଏ ସତ ସତ ।
ପ୍ରକୃତିର ଶାନ୍ତି-    ଯଜ୍ଞରେ ନୃପତି-
ସୁଖଟି ସ୍ୱଭାବେ ବଳି,
ଦୃଢ଼ ଧର୍ମ-ଦାମେ    ବଦ୍ଧ ନିଜ କାମେ
ଯାଦେ ନ ପାରଇ ଚଳି
ଅଭିଷେକ ଯାହା    କରିଥାନ୍ତି ତାହା
ପ୍ରୋକ୍ଷଣ ମାତର ସିନା,
ଚାମର ଚାଳିବା    ଅନ୍ୟ କି ବୋଲିବା
ମକ୍ଷିକା ତଡ଼ିବା ବିନା ?

ସୁଖେ ନଇରାଶ୍ୟ    ନ ଥିବ ଅବଶ୍ୟ
ଦେବତା ହୃଦୟେ ସୁଦ୍ଧା,
ସେ ହେତୁ ମହତୀ    ଦେବତା ନୃପତି
ସେବଇ କୀରତି-ସୁଧା ।
ପ୍ରଜାରକ୍ତ ଜଳ-    କଣିକାପଟଳ
ସିନା ଉଚ୍ଚାସନ ପାଇ,
ଜଳଧର ରୂପ    ହୋଇଥାଏ ନୃପ
ପରଜାଙ୍କ ହିତ ପାଇଁ ।
ଭୂମିତଳେ ବଜ୍ର    ନ ଥାଏ, ସହଜ
ମାତ୍ର ତାହା ଜଳଧରେ,
ପ୍ରଜା-କର ଦଣ୍ଡ    ନ ହୁଏ ପ୍ରଚଣ୍ଡ,
ପ୍ରଚଣ୍ଡ ନୃପତି କରେ ।
ହୃଦ ପଛେ ଜ୍ୱଳେ    ବିଦ୍ୟୁତ-ଅନଳେ
ଜଳଦାନେ ଘନ ବାଧ୍ୟ,
ସୁଖ ତେଜି ରାଜା    ତୋଷିବ ପରଜା
ତେବେ ତ ପରମାରାଧ୍ୟ ।
ସ୍ୱର୍ଗନିଃଶ୍ରେଣୀର    ସମୁନ୍ନତ ଶିର
ରାଜପଦ ଭୂମଣ୍ଡଳେ,
ହେଲେ ଲକ୍ଷ୍ୟଭ୍ରଷ୍ଟ,    ପଡ଼ି ହୁଏ ନଷ୍ଟ
ନୃପତି ଗହୀର ତଳେ ।
ମାୟାକାର ପରି    ଦଣ୍ଡଗୋଟି ଧରି
ସମଦୃଷ୍ଟି ସମଭାବେ,
ରାଜତ୍ୱ-ରଜ୍ଜୁରେ    ବିଳସି ରଜ୍ଜୁରେ
ନିଜ ଜୀବନ ନ ଭାବେ ।
ଯଦି ବାଜିକର    ରଜ୍ଜୁରେ ପୟର
ଦେଲାର ନ ଯିବ ଚାଲି,
ତାଳି ମାରି ଥୋକେ    ହସିଦେବେ ଲୋକେ
ବାଦ୍ୟକାର ଦେବ ଗାଳି ।
ପ୍ରିୟା ମଇଥିଳୀ-    ବିରହେ ଶିଥିଳୀ-
କୃତ କରି ପ୍ରାଣ ଯେବେ,
ନ କରିବ କାର୍ଯ୍ୟ    ମାନବ-ସମାଜ
ଆଦୁରୀ ଗଞ୍ଜିବେ ତେବେ ।
ବୋଲିବ ସଂସାର,    ରାମ କୁଳାଙ୍ଗାର
ଜନ୍ମ ଲଭି ରଘୁବଂଶେ,
ବିଚାର-କୃପଣ    ହୋଇ ରାଜପଣ
ତ୍ୟାଗ କଲା ବଧୂବଶେ ।

ବାନପ୍ରସ୍ଥାଶ୍ରମ ହେଲେହେଁ ଉତ୍ତମ
ସମୟ ମୋ ହୋଇ ନାହିଁ,
ମୋ କାର୍ଯ୍ୟେ ଭରତ ହେବାକୁ ନିରତ
ସମ୍ମତ ବା ହେବ କାହିଁ ।
ଅଙ୍କଦ୍ରବ୍ୟେ ପ୍ରୀତି ହ୍ରାସ ନିତି ନିତି
ଦେଖି ଦେଖି ପୁନଃ ପୁନଃ,
ହେଲେ ଶୂନ୍ୟ ଅଙ୍କ ଶୂନ୍ୟ ଯୋଗେ ଅଙ୍କ
ପରି ହୃଦପ୍ରୀତି ଗୁଣ ।
ସ୍ଥୂଳ କଳେବର ନୁହଇ ଅମର,
ଅମର କେବଳ ମନ,
ମନେ ଯେବେ ସଙ୍ଗ ହୋଇ ନାହିଁ ଭଙ୍ଗ
ସେହି ସୁଖ ସୁଖେ ଗଣ୍ୟ ।
କେ ରହିଛି ଭବେ ବାସ୍ତବ ବିଭବେ
ସୁବର୍ଣ୍ଣ ମୁକୁଟ ବାନ୍ଧି ?
ଯଶ ଅପଯଶ ନୋହି କାଳବଶ
ହୁଅନ୍ତି ତା ପ୍ରତିବାଦୀ ।
ସ୍ୱରଗ-ନରକ- ଗତି ନିର୍ଦ୍ଧାରକ
ସ୍ୱଭାବେ ଜଗତଜନ,
ଏଡ଼ି ଜନରବ ଅନିତ୍ୟ ବାସ୍ତବ
ସୁଖ ଲୋଡ଼େ ନୀଚ ମନ ।
ନାହିଁ ସିନା ଘରେ, ହୃଦ ପ୍ରେମ-ସରେ
ମୋ ପ୍ରିୟା-କମଳକଳି
ପଡ଼ିଅଛି ଫୁଟି, ମକରନ୍ଦ ଲୁଟି
କରୁଅଛି ମନ-ଅଳି ।
ନୟନଯୁଗଳ କାହିଁକି ବିକଳ
ହୋଇ ଛାଡୁଅଛ ଜଳ
ଶୁଖିଗଲେ ସର କମଳିନୀ ମୋର
ହୋଇଯିବ ଟଳଟଳ ।
ବକ୍ଷ ତୁ ପଥର- ବନ୍ଧ ହୋଇ କର
ରୁଦ୍ଧ ନେତ୍ର-ଜଳ-ନାଳୀ,
ନାସିକା-ପବନ ନ ବହିବୁ ଘନ
କମ୍ପିବ ପ୍ରାଣ-ସଙ୍ଖାଳି ।
ଲକ୍ଷ୍ମଣ ଆସିବ ସମସ୍ତ ଭାଷିବ
ଜୀବନ-ସଙ୍ଗିନୀ କଥା,
ଶ୍ରବଣ ଯୁଗଳ ନ ହୁଅ ଚଞ୍ଚଳ
ଶୁଣିବ, ମୁଞ୍ଚିବ ବ୍ୟଥା ।

ରେ ସନ୍ତପ ଚର୍ମ ! ନାଶିବ ତୋ ଘର୍ମ
ସମୀର ଆସୁଛି ବହି,
ସନ୍ତାପନାଶିନୀ ସରୋଜବାସିନୀ
ଶ୍ରୀଅଙ୍ଗ-ସୌରଭ ବହି ।
ଆଉ ଏକ କଥା କହୁଛି, ଏକତା
ବାନ୍ଧି ତୁମ୍ଭ ମନ ସଙ୍ଗେ,
ଚାଲ ହୃଦ-ସରେ ଅନନ୍ତ ବାସରେ
ବିଳସିବ ରସରଙ୍ଗେ ।
ମୋ ପ୍ରାଣ-ସଙ୍ଗିନୀ ନବ କମଳିନୀ
ଫୁଟି ରହିଅଛି ତହିଁ,
ସ୍ମରଣ-ଭାସ୍କର ଚିର ତେଜସ୍କର
ଅସ୍ତ ତାର ନାହିଁ ଯହିଁ ।
ମୋ ବୋଲେ ରସନା ! ତୁ ତହିଁ ରସ ନା
ଖାଇଛୁ ପରଜା-ବିତ୍ତ,
ଯା ଧନେ ପାଳିତ ତା ନାମେ ଚାଳିତ
ହେବାରେ ନୁହ ଭାବିତ ।
ଲୋକେ ଲୋକହିତ- ସାଧନ ବିହିତ
ବୋଲି ସିନା ଅଛି ପ୍ରାଣ,
ନ ହେଲେ କି ପବି ଦ୍ରବ୍ୟ କରି ହବି
ପ୍ରାୟେ କରିଥାନ୍ତା ପାନ ।
ପିଞ୍ଜରୁ ବାହାରି ଯିବେ ଶୁକ ସାରୀ,
ଛାଡ଼ିଦେବି ରାତି ପାହୁ,
ତୋତେ ଉତ୍ତେଜିତ କରିବା ନିମିତ୍ତ
ନ ବୋଲିବେ 'ସୀତା' ଆଉ ।
ହରିଣ-ଶାବକ ଯିବ ସେ ଯାବକ-
ରଞ୍ଜିତଚରଣା ପାଶ,
ଅଲକ୍ତକ-ଧାର ଅଟେ ତା' ଗଳାର
ରଙ୍ଗ ପାଟ-ଡୋରି-ଫାଶ ।
ମୟୂର ଯୁଗଳ ରାବି ଅନର୍ଗଳ
କାହିଁକି ରହିବେ ଆଉ,
ଉଚ୍ଚାରିବ ସ୍ୱନ କା' ଅନୁକରଣ
କରି, ଭୀମରାଜ ଯାଉ ।
ସଙ୍ଗୀତ-ପ୍ରବୀଣା କଣ୍ଠ ସଙ୍ଗ ବିନା
ପାଇବ କାହିଁ ଗୌରବ ?
ବୀଣା ତାହା ଜାଣି ଭାଗ୍ୟ-ଦୋଷ ମାନି
ରହିବ ହୋଇ ନୀରବ ।

ତହୁଁ ରାମ କ୍ଷଣେ    ମୁଦ୍ରିତ ଈକ୍ଷଣେ
ଚିନ୍ତାଚଳ-ଚୂଳେ-ଚଢ଼ି,
ଦେଖିଲେ କାଳର    ସ୍ରୋତ ଭୟଙ୍କର
ବେଗେ ଯାଉଅଛି ଗଡ଼ି ।
ଚରାଚର ସର୍ବେ    ତା' ଗଭୀର ଗର୍ଭେ
ଉଇଁ ହେଉଛନ୍ତି ଲୀନ ,
ବୁଦ୍‌ବୁଦ ପରାଏ    କେହି କ୍ଷଣେ ଥାଏ
କେବା ରହେ କିଛି ଦିନ ।
କୀରତି ଶଇଳ    ସେ ଘୋର ସଲିଳ-
ସ୍ରୋତ ମଧ୍ୟେ ଟେକି ଶିର,
ନ ଗଣି ଆପଦ    ଚୁମ୍ବି ବିଷ୍ଣୁପଦ
ରହିଅଛି ହୋଇ ସ୍ଥିର ।
ଶୈଳ-ସାନୁଦେଶେ    ଜ୍ୟୋତିର୍ମୟ ବେଶେ
ପତି ସଙ୍ଗେ ସତୀଗଣ,
ହୋଇ ଯୁଗଯୁଗ    ସୁଖେ ଯୁଗ ଯୁଗ
କରୁଛନ୍ତି ବିଚରଣ ।
ଅନେକ ନୃପତି    ତହିଁ ପନ୍ତି ପନ୍ତି
ରତ୍ନମୟ ସିଂହାସନେ,
ଅଛନ୍ତି ରାଜିତ    ହୋଇ ବିଭ୍ରାଜିତ
ଅମର-ପୁଷ୍ପ-ଭୂଷଣେ ।
ଅସାଧ୍ୟ ସାଧନ    ଲବ୍ଧ ପୁଣ୍ୟଧନ
ବହିଛି ଯା' ତନୁ-ତରୀ,
ଶଇଳ-ନିବାସୀ    କବିବୃନ୍ଦ ଆସି
ନେଉଛନ୍ତି କର ଧରି ।
ଧର୍ମ ନ ବିଚାରି    କେତେ ଦୁରାଚାରୀ
ଆରୋହୀ ତହିଁକି ବଳେ,
କବିଙ୍କର ପବି    ସମ ମୁଷ୍ଟି ଲଭି
ରହୁଛନ୍ତି କଳବଳେ ।
ତାଙ୍କ ସେ ଦୁର୍ଦ୍ଦଶା    ଅନାଇ ସହସା
ଦିଅନ୍ତେ ନୟନ ଫେଡ଼ି,
ଦେଖିଲେ ଶ୍ରୀରାମ    ବସୁନ୍ଧରା-ଧାମ
ରହିଛି ତିମିର ବେଢ଼ି ।
ସୁନୀଳ ଗଗନ    ମଣ୍ଡି ତାରାଗଣ
ଅଛନ୍ତି ଉଜ୍ଜ୍ୱଳ ମୁଖେ,
ନାହିଁ ସୁଧାକର    କିନ୍ତୁ ତାହାଙ୍କର
ବାଧା ହୋଇ ନାହିଁ ସୁଖେ ।

ବୋଇଲେ, "ହେ ତାରା-    ବୃନ୍ଦ ! ପ୍ରେମକାରା-
ବଦ୍ଧ ନୋହି ଚନ୍ଦ୍ରମାର,
ବିଧିର ବିଧାନ    ଘେନି ପ୍ରଣିଧାନ
ଚିତ୍ତେ ଭ୍ରମ ଶିଶୁମାର ।
ବଲ୍ଲଭ-ବିରହ-    ବେଦନା ଦୁଃସହ
ହେଲେହେଁ ଜଗତ ଲାଗି ,
ସେ ଦୁଃଖ ବିସ୍ମରି    କର୍ମ ଅନୁସରି
ଦ୍ୟୁତିଦାନେ ଅଛ ଲାଗି ।
ତୁମ୍ଭ ଧର୍ମଦୀକ୍ଷା    ବେଗେ ଦିଅ ଶିକ୍ଷା
ବାଲ୍ମୀକି-ଆଶ୍ରମେ ଯାଇ,
ମୋ ହୃଦ-ଚନ୍ଦ୍ରିକା    ତହିଁ ବସି ଏକା
କାନ୍ଦୁଥିବ ମୋତେ ଧ୍ୟାୟି ।
ଏ ରାତ୍ରସମୟେ    ବ୍ୟାକୁଳ ହୃଦୟେ
ରାବୁଥିଲେ ଚକବାକୀ,
କରୁଣା-ପ୍ରବଣା    ହୋଇ ଜ୍ଞାନବଣା
ପ୍ରାଣ ନ ରଖିବ ବାକି ।
ସର ପ୍ରଦର୍ଶନ    କରି ନିଦର୍ଶନ
ଦେବା, କୁମୁଦିନୀ ବନ,
ଚନ୍ଦ୍ରମା ଉଦୟ    ନ ହେଲେ ଅଥୟ
ନ କରି ଧରେ ଜୀବନ ।
ପୁନଃ ସମାଗମ-    ବିଷୟ ବିଷମ
ସମସ୍ୟା ମଣିବ ନାହିଁ,
ହୃଦୟ-ସଙ୍ଗମ    ଅତି ମନୋରମ
ଜାଣ ତ, ଦେବ ବୁଝାଇ ।
ଏ କଥାରେ ଦ୍ୱିଧା    ଭାବିବା ସୁବିଧା
ନ ପାଇବା ସାରସାକ୍ଷୀ,
କହିବ ନିଶ୍ଚୟ    ମୋ' ଭାବ ନିଚୟ
ଦେଖୁଛ ତ, ହେବ ସାକ୍ଷୀ ।
ଅଧିକନ୍ତୁ ତାର    ଗର୍ଭେ ମୋ ଆତ୍ମାର
ସ୍ରୋତ ଲାଗିଅଛି ଯାଇ,
କହିଲେ ଏ କଥା    କଦାଚ ଅଯଥା
ବୋଲି ସେ ପାରିବ ନାହିଁ ।"
ଏଥିରେ ରାଘବ    ହୃଦକୁ ଲାଘବ
ସ୍ମରଣେ ଥିଲା କି କ୍ଷମ ?
ବୃଥା ତାରାଗଣ    କଲେ ନିରୀକ୍ଷଣ
ଦୃଷ୍ଟି-ପଥେ ଆଣି ତମ ।

ଗୁଣୀର ସଦ୍‌ଗୁଣ   ନ ବୁଝି ନିପୁଣ
ହେଲେ ଦୋଷ-ଦରଶନେ,
ବିଧି ବିଡ଼ମ୍ବନା   ଭୋଗ ସମ୍ଭାବନା
ହୁଏ ତାର ଉଚ୍ଚାସନେ ।

ଦେଖି ରାମ-ଦୋଷ   ପାଇବେ ସନ୍ତୋଷ
ଭାବିଥିଲେ ତାରାତତି
ହୃଦୟ-ଉଚ୍ଚତା   ଚାହିଁ ପୋତି ମଥ
ଲାଭକଲେ ନୀଚ ଗତି ।

ଦାଶରଥି-ଦୁଃଖ   ଦର୍ଶନ-ବିମୁଖ
ଖେଦ-ଖଣ୍ଡ-ହୃଦ-ବିଧୁ,
ନିଶୀଥ ସମୟ   ହେଲାରୁ ଉଦୟ
ହେଲେ ତେଜି କ୍ଷୀରସିନ୍ଧୁ ।

ଜୀବଞ୍ଜୀବ ଡାକ   ଦେଲା ଚକ୍ରବାକ-
ପ୍ରତି କରି ଉପହାସ,
ନ ଭାଳ, ନ ଭାଳ   ଲେଖାଅଛି ଭାଲ-
ପଟେ ତୋର ଉପବାସ ।

କିମ୍ବା ନ କହିବ   ଦେଇଛି ଦଇବ
ତା' ମୁଖେ ଅମୃତ ଢାଳି ,
ପରର ବିପତ୍ତି   ଚାହିଁଲେ ସମ୍ପତ୍ତି-
ଶାଳୀଏ ମାରନ୍ତି ତାଳି ।

ଏଣେ ବିରହିଣୀ   ଶ୍ରୀରାମଗୃହିଣୀ
ମଣି ଦୀପ୍ତିମୟ ପୁର,
ରାଜେନ୍ଦ୍ର-ଦର୍ଶନ   ରମ୍ୟ ସୁଖାସନ
ସୁଖ ଭୋଗୁଁ ହୋଇ ଦୂର ।

ପୂର୍ବ ପରିଚିତ   ପଲ୍ଲବ ରଚିତ
ଉଟଜେ ଅଜିନାସନେ,
କରି ଅବସ୍ଥାନ   ପୂର୍ବ କଥାମାନ
ଭାବୁଛନ୍ତି ମନେ ମନେ ।

ପ୍ରାଣନାଥଙ୍କର   ପ୍ରେମ-ଜରଜର
ମଧୁମୟ ସମ୍ଭାଷଣ,
ହୃଦ-ଫନୋଗ୍ରାଫେ   ପରବେଶି ଆପେ
ତୋଳୁଛୁ ନିର୍ମଳ ସ୍ୱନ ।

ସର୍ବଭୟହର   ସରଳ ସୁନ୍ଦର
ମରକତପ୍ରଭ ବାହୁ,
ମାନସିକ ଧ୍ୟାନେ   ଶିର ସନ୍ନିଧାନେ
ଦିଶୁଅଛି ଦାଉଦାଉ ।

ନିଦ୍ରା ପରିହରି   ଥାଆନ୍ତି ପ୍ରହରୀ
ଯେରୂପେ ଲକ୍ଷ୍ମଣ ସଙ୍ଗୀ,
ସ୍ମରଣ-ମୁକୁରେ   ଦିଶନ୍ତି ଅଦୂରେ
ସେରୂପେ ହୋଇ ନିଷଙ୍ଗୀ ।

ସେ ସ୍ୱାମୀ ଦେବର   କରିଛନ୍ତି ଦୂର
ଏକଥା ଦେବାରୁ ଭାବି ,
ହିମାକ୍ତ ନଳିନ   ସଦୃଶ ମଳିନ
ନେତ୍ର ହେଲା ନୀରସ୍ରାବୀ ।

ଖଜୁରିଆ କର-   ବିକ୍ଷତ ଖର୍ଜ୍ଜୁର
ନୀରବେ ନିଷ୍ଫଳେ ଯଥା,
ରସ ତ୍ୟାଗ କରେ   କ୍ଷୋଭ-ଆଘାତରେ
ସତୀ ଦଶା ହେଲା ତଥା ।

ଏହି ରୂପେ ପ୍ରିୟ   ପ୍ରିୟାଭାବ, ପ୍ରିୟ-
ଭାବ ପ୍ରିୟା ସ୍ମରି ସ୍ମରି,
ଦୁଃଖାସନେ ବସି   ଧରି ଧୈର୍ଯ୍ୟ-ଅସି
କାଟୁଥିଲେ ବିଭାବରୀ ।

ଆତ୍ମା ଶିର-ଶ୍ରମ   ସମୁଦ୍ଭୂତ ଘର୍ମ
ବହି ବହି ଅବିରଳ,
ପକ୍ଷ୍ମ ଗୁଳ୍ମରାଶି   ଧୌତ କରି ଆସି
ପ୍ଲାବୁଥିଲା ଗଣ୍ଡସ୍ଥଳ ।

ରାବିଲା ଶର୍ବରୀ   ପେଚା ବେଶ ଧରୀ
କ୍ରମେ ହୋଇ କ୍ଷୀଣପ୍ରାଣ,
ରକତେ ଗଗନ   ପ୍ଲାବି ପଳାୟନ
ଉପାୟ ପାଇଲା ତ୍ରାଣ ।

ପ୍ରେମିକ - ପ୍ରେମିକା   ପଦେ ଅହମିକା
ବିକି ଦେଇ ତାରାଗଣ ,
ପୁଷ୍ପ ବେଶେ ଝଡ଼ି   ଅବନୀରେ ପଡ଼ି
ଲୋଡ଼ିଲେ ତାଂକ ଶରଣ ।

ଶରଣ-ବତ୍ସଳ   ରଘୁନାଥ ଛଳ
ନ ଧରି ରଖିଲେ ମାନ,
ଦେଲେ ଏହି ବର-   "ଯୁଗ-ଯୁଗାନ୍ତର
ମସ୍ତକେ ପାଇବ ସ୍ଥାନ ।"

— — —